# ଜିଲ୍ଲା ନିବନ୍ଧକଙ୍କ କାର୍ଯ୍ୟାଳୟ, ସମ୍ବଲପୁର

## ବିଜ୍ଞପ୍ତି

ଏତତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ, ସମ୍ବଲପୁର ଜିଲ୍ଲାର ସମସ୍ତ ରେଜିଷ୍ଟ୍ରେସନ ଅଫିସ ଅଧିନସ୍ଥ ସମସ୍ତ ମୌଜାର ସଂଶୋଧିତ ବେଞ୍ଚ ମାର୍କ ମୂଲ୍ୟ ସମ୍ବଲପୁର ଜିଲ୍ଲା ମୂଲ୍ୟ ନିର୍ଧାରଣ କମିଟି ଦ୍ୱାରା ନିର୍ଦ୍ଧାରିତ କରାଯାଇଅଛି । ମୌଜାୱାରି ଜମି ଜମା ସମ୍ବନ୍ଧିତ ମୂଲ୍ୟ ସମ୍ପୃକ୍ତ ରେଜିଷ୍ଟ୍ରେସନ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଗୋଚରାର୍ଥେ ଉପଲବ୍ଧ ହେଉଅଛି । ନିବନ୍ଧନ-ମହାନିରୀକ୍ଷକ, ଓଡିଶା, କଟକଙ୍କ ପତ୍ର ସଂଖ୍ୟା 2094/Regn. ତା: 21.05.2002 ଅନୁଯାୟୀ, ଏହି ଜିଲ୍ଲା ମୂଲ୍ୟ ନିର୍ଧାରଣ କମିଟି ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ସମ୍ବନ୍ଧରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ତା: 05.03.2026 ସୁଦ୍ଧା ଜିଲ୍ଲାପାଳ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ/ ଜିଲ୍ଲା ଉପ-ନିବନ୍ଧକଙ୍କ/ ଜିଲ୍ଲାର ସମସ୍ତ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିପାରିବେ । ନିର୍ଦ୍ଧାରିତ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ସ୍ୱା/-

**ଅତିରିକ୍ତ ଜିଲ୍ଲାପାଳ-ତଥା-ଆବାହକ ଅଧିକାରୀ**
**ଜିଲ୍ଲା ବେଞ୍ଚମାର୍କ ମୂଲ୍ୟାୟନ କମିଟି, ସମ୍ବଲପୁର**